## ଗ୍ୟାସ୍ ଟାଙ୍କି ଫାଟି ଜଳିଗଲା ଘର, ମହିଳା ଗୁରୁତର

**ଭଦ୍ରକ ଅଫିସ:** ଭଦ୍ରକ ସହର ଅସ୍ତଳରେ ଶନିବାର ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଜଳି ଯାଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଅସ୍ତଳର ରମେଶ ଲାଲଙ୍କ ଘରେ ରୋଷେଇ ଚାଲିଥିବା ସମୟରେ ହଠାତ୍ ଗୋଟିଏ ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ଦୁଇଟି ଗ୍ୟାସ୍ ଟାଙ୍କି ଫାଟି ନିଆଁର ପ୍ରକୋପ ଚାରିଆଡ଼େ ବ୍ୟାପି ଯାଇଥିଲା। ନିଆଁ ଲାଗି ରମେଶଙ୍କର ଜଣେ ସମ୍ପର୍କୀୟ ମହିଳା ଆହତ ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ସଂକ୍ଷେପରେ

## ବରଯାତ୍ରୀରେ ଆସି ବାଇକ୍ ଦୁର୍ଘଟଣା: କକା, ପୁତୁରା ମୃତ

ଠାକୁରମୁଣ୍ଡା, ୨୦।୩ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ବାଲିପୋଷୀ ଗ୍ରାମ ନିକଟରେ ଶନିବାର ଏକ ଅଭାବନୀୟ ଘଟଣାକ୍ରମରେ ବରଯାତ୍ରୀ ହୋଇ ଆସୁଥିବା କକା ଓ ପୁତୁରାଙ୍କର ଏକ ବାଇକ୍ ଦୁର୍ଘଟଣାରେ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ଭଣ୍ଡା ନିକଟ ରରୁଆଁ ଗୁଡ଼ା ଗ୍ରାମର କ୍ଷୀତିଶ ଏବଂ କକା ହେଲେ ନାନ୍ଦୁରାମ ନାଏକ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ଣ ପ୍ରାୟ ୩ ଟା ସମୟରେ ବାଲିପୋଷୀ ଗ୍ରାମ ନିକଟ ଏକ ବାଙ୍କ ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଖବରପାଇ ଠାକୁରମୁଣ୍ଡା ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

## ସ୍ତ୍ରୀ ଦେହରେ ନିଆଁ ଲଗାଇ ସ୍ୱାମୀ ଗିରଫ

ବାସୁଦେବପୁର, ୨୦।୩ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଧାକାନ୍ତପୁର ଗ୍ରାମର ମାନସୀ ମଲିକ ନାମ୍ନୀ ମହିଳା ଶୁକ୍ରବାର ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ଘରୋଇ କଳହକୁ ନେଇ ସ୍ୱାମୀ ଅଟଳ କୁମାର ମଲିକ ମାନସୀଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ମାନସୀଙ୍କ ବାପା ଚୁଡ଼ାମଣି ଆଡ଼ିଆ ଗ୍ରାମର ଗୋବିନ୍ଦ ମଲିକ ଚୁଡ଼ାମଣି ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ ଅଟଳ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିବା ନେଇ ମାନସୀ ମଧ ଗୁରୁତର ଅବସ୍ଥାରେ ବୟାନ ଦେଇଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୪୭/୨୨) ରୁଜୁ କରି ଶନିବାର ଅଟଳଙ୍କୁ ଗିରଫ କରିଛି। ଗୁରୁତର ମାନସୀଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବିଶୋଇ ପ୍ରେସ୍ କ୍ଲବ ଗଠିତ

ବିଶୋଇ,୨୦।୩ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକର ଗଣମାଧମ ପ୍ରତିନିଧିମାନଙ୍କୁ ନେଇ ପ୍ରେସ୍ କ୍ଲବ ଗଠିତ ହୋଇଛି। ଏହି ଅବସରରେ ଖବରଦାତା ସୁବାସ ପାତ୍ରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଖବରଦାତା ରଞ୍ଜନ ପାତ୍ର ପ୍ରାରମ୍ଭିକ ଅଭିଭାଷଣ ରଖିବା ପରେ ଧୀରେନ୍ଦ୍ର ଦାସ କ୍ଲବର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସର୍ବସମ୍ମତି କ୍ରମେ କ୍ଲବର ସଭାପତି ଭାବେ ସୁବାସ ପାତ୍ର, ସମ୍ପାଦକ ଧୀରେନ୍ଦ୍ର ଦାସ ଓ କୋଷାଧ୍ୟକ୍ଷ ଭାବେ ଶାନ୍ତନୁ କୁମାର ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ଖବରଦାତା ଶିବ ପ୍ରସାଦ ଶର୍ମା, ନାରାୟଣ ଟୁଡୁ, ଅମିତ କୁମାର ଦାସ, ଶାଶ୍ୱତ ଶର୍ମା, ସୁନୀଲ ମହାପାତ୍ର, ଦିଲୀପ କୁମାର ରାଜ, ଚନ୍ଦ୍ରମୋହନ ଟୁଡୁ, ଚନ୍ଦ୍ରମୋହନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂରକ୍ଷିତ ଜଙ୍ଗଲରେ ନିଆଁ



ଉଦଳା, ୨୦।୩ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା କଲେଜ ପଛ ପାଖରେ ଥିବା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯାଇଛି। ଯାହାଫଳରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଛି । ଜଙ୍ଗଲରେ ନିଆଁ ଲାଗିବା ଫଳରେ ବହୁ ଗଛ ପୋଡ଼ି ଯାଇଥିବାର ଦେଖିବାକୁ ମିଳିଛି। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏ ଜଣାପଡ଼ି ନାହିଁ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ପାଟଣା,୨୦।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ପୂର୍ବତନ ତୁରୁମୁଙ୍ଗା ସରପଞ୍ଚ ଗୋପୀନାଥ ସାହୁଙ୍କ ଶନିବାର ସକାଳେ ୮୩ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସାହୁ ଶିକ୍ଷକ ଜୀବନରୁ ଅବସର ଗ୍ରହଣ କରିବା ପରେ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ ବୋହୂ ନାତି ନାତୁଣୀଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ଶନିବାର ତୁରୁମୁଙ୍ଗା ବୈତରଣୀ ନଦୀକୂଳରେ ସମ୍ପନ୍ନ ହୋଇଛି। ବଡ଼ ପୁଅ ପ୍ରଦୀପ ସାହୁ ମୁଖାଗ୍ନି ଦେଇଥିଲେ।

# ପତିରାଜପୁର ଦୋଳ ମେଳଣରେ ୩୦ ହଜାର ଶ୍ରଦ୍ଧାଳୁ

ଖଇରା,୨୦।୩(ଡି.ଏନ.ଏ.)



ଭକ୍ତମାନେ ଦିଅଁଙ୍କୁ ଦର୍ଶନ କରୁଛନ୍ତି ।

ବାଲେଶ୍ୱର ଜିଲା ଖଇରା ବ୍ଲକ ପତିରାଜପୁରଠାରେ ୩ଶହ ବର୍ଷ ଧରି ପାଳିତ ହୋଇ ଆସୁଥିବା ପତିରାଜପୁର ଦୋଳ ମେଳଣ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ୧୮ତାରିଖ ପୂର୍ଣ୍ଣମୀ ରାତିରୁ ଆରମ୍ଭ ହୋଇଛି। ୨ବର୍ଷର କଟକଣା ପରେ ଏଥର ମେଳା ବସିଥିବାରୁ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ଣ୍ଣମୀ ରାତିରେ ଦୋଳ ବିମାନ ମଣ୍ଡପ ପରିସରକୁ ଆଗମନ ଆରମ୍ଭ କରିଥିଲେ। ଖୋଳ କରତାଳ ଭଜନ କୀର୍ତ୍ତନର ଧ୍ୱନୀ ଭିତରେ ପୂର୍ବ,ପଶ୍ଚିମ,ଉତ୍ତର ଓ ଦକ୍ଷିଣ ଦ୍ୱାରା ଦେଇ ସୁସଜ୍ଜିତ ରାଧାକୃଷ୍ଣ ବିମାନ ଗୁଡ଼ିକ ଚାରରେ ବିରାଜମାନ ହୋଇଥିଲେ। ଡିଜେ ମାଇକ ଇତ୍ୟାଦି ଶବ୍ଦ ପ୍ରଦୁଷଣକାରୀ ଯନ୍ତ୍ର ଉପରେ କଟକଣା ଥିବାରୁ ଭକ୍ତମାନେ ସୁରୁଖୁରରେ ମଣ୍ଡପ ଭିତରେ ପ୍ରବେଶ କରି ସେମାନଙ୍କର ଆରାଧ ଦିଅଁଙ୍କୁ ଦର୍ଶନ କରିଥିଲେ।

ଚଳିତ ବର୍ଷ ବିଭିନ୍ନ ଅଞ୍ଚଳରୁ ଆସିଥିବା ବିମାନ ସହ ପାରମ୍ପରିକ ବାଦ୍ୟ,ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । ପ୍ରଫୁଲ୍ଲ କୁମାର ପାଳକ,ରାଧାକାନ୍ତ ମିଶ୍ର,ପୂର୍ଣ୍ଣଚନ୍ଦ୍ର ପଣ୍ଡା,ବାଳକୃଷ୍ଣ ଦାଶ,ଶରତ କୁମାର ପଣ୍ଡା,ପର୍ଶୁରାମ ମହାପାତ୍ରଙ୍କ ଦ୍ୱାରା ଠାକୁରଙ୍କ ନିତି ସମ୍ପର୍ଣ୍ଣ ହୋଇଥିଲା । ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା, ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଅସ୍ଥାୟୀ ଚିକିତ୍ସା ଶିବିର,ବ୍ଲକ ପ୍ରଶାସନ ପକ୍ଷରୁ ପାନିୟଜଳ ବ୍ୟବସ୍ଥା,ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଘଟଣାକ୍ରମେ ମେଳାକୁ ପଶ୍ଚିମ ଦ୍ୱାର ଦେଇ ଦିଅଁମାନେ ପ୍ରୋସେସନରେ ଆସୁଥିବା ବେଳେ ଅଗ୍ରପୁଜ୍ୟ ଗୋବିନ୍ଦ ଜୀଉଙ୍କ ପୂଜାରୀଙ୍କୁ ଅନ୍ୟଏକ ଦୋଳ ବିମାନ ସହ ଆସୁଥିବା ସମ୍ପ୍ରଦାୟ ମାଡ଼ମାରିବା ନେଇ ବିବାଦ ସୃଷ୍ଟି ହେବା ଯୋଗୁ ଗୋବିନ୍ଦ ଜିଉ ଅଟକି ରହିଥିଲେ। ପରେ କମିଟି ଓ ପୋଲିସର ମିଳିତ ହସ୍ତକ୍ଷେପ ପରେ ଘଟଣାର ସମାଧାନ ହୋଇଥିଲା । ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସମାଜସେବୀ ଶଶି କୁମାର ସାହୁ ନିଜ ସମର୍ଥକଙ୍କ ସହ ଦିଅଁ ଦର୍ଶନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ମେଳା କମିଟିର ସଭାପତି ପୀତାମ୍ବର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ପାଣି,ରମେଶ ଚନ୍ଦ୍ର ଘଡେଇ, ଭୀଷ୍ମ ଚରଣ ନାୟକ, କ୍ଷେତ୍ର ମୋହନ ଖଟୁଆ, ନାରାୟଣ ପାତ୍ର, ପ୍ରଦୀପ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରଥିଲେ ।

## ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା

ଯୋଡ଼ା,୨୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ବାଟୁ ହଟିଂ ଠାରେ ନେପାଳି ତନ୍ତୀ ନାମକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୪୭/୨୨)ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ କିଛି ଲୋକଙ୍କ ସହ ନେପାଳି ତନ୍ତୀଙ୍କ ମାରପିଟ ହୋଇଥିଲା। ପରେ ନେପାଳୀ ରାତି ପ୍ରାୟ ସାଢ଼େ ୯ଟାରେ ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଆସି ଘରେ ଶୋଇବା ପାଇଁ କହିଥିଲେ। ବ୍ୟକ୍ତି ଜଣକ ତାଙ୍କୁ ମନାକରିବାରୁ ସେ ତାଙ୍କ ଦାଣ୍ଡ ପିଣ୍ଡାରେ ଶୋଇପଡ଼ିଥିଲେ। ସକାଳେ ନେପାଳୀଙ୍କ ମୃତ୍ୟୁ ହୋଇଯାଇଥିବା ଜାଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ନେପାଳିଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷେତ ଓ ମାଡ଼ ମରା ଚିହ୍ନ ଦେଖିବାକୁ ପାଇଛି। ତେବେ ନେପାଳୀଙ୍କୁ ଠେଙ୍ଗାରେ ପିଟି ଓ ଧାରୁଆ ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

## ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

ଜଳେଶ୍ୱର,୨୦।୩(ଡି.ଏନ.ଏ)

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକାରେ ଏବେ ନିର୍ବାଚନ ପ୍ରଚାର ଜମି ଆସୁଥିବା ବେଳେ ୧୪ନଂ. ୱାର୍ଡରେ କେତେକ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଥିବା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଭାଜପାର ଜଳେଶ୍ୱର ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରାର୍ଥୀ ପ୍ରବୀର କୁମାର ପ୍ରଧାନଙ୍କ ଉପସ୍ଥିତିରେ ୧୩ନଂ. ୱାର୍ଡ ବିଜେଡି କର୍ମୀ ବ୍ରଜଗୋପାଳ ଗିରିଙ୍କ ନେତୃତ୍ୱରେ କେତେକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅଧ୍ୟକ୍ଷ ପ୍ରାର୍ଥୀ ପ୍ରଧାନଙ୍କ ବହୁ ମୁଖୀ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ସମର୍ଥକଙ୍କ ସହ ମିଶିଥିବା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପାତ୍ର, ପୌର ନିର୍ବାଚନ ପରିଚାଳନା ଅଧ୍ୟକ୍ଷ ଆଇନଜୀବୀ ରାମଚନ୍ଦ୍ର ଜେନା, ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ଆଦିତ୍ୟ ନାରାୟଣ ପାତ୍ର, କାଉନ୍‌ସିଲର ପ୍ରାର୍ଥିନୀ ସସ୍ମିତା ପାତ୍ର, ରାଜୀବ ଭଞ୍ଜ, ଗଣେଶ ଦତ୍ତ, ଘନଶ୍ୟାମ ପାତ୍ର, ସୁଜିତ୍ ଗିରି, ଦୁର୍ଗାଶଙ୍କର ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।

# ସୁଆଦିଆ ବ୍ୟଞ୍ଜନରେ ଖାଇଲେ ପଖାଳ



ଅତିଥିମାନେ ପଖାଳ ସହ ସୁସ୍ୱାଦୁ ବ୍ୟଞ୍ଜନ ଖାଉଛନ୍ତି।

ବଡବିଲ, ୨୦।୩(ସ୍ୱ.ପ୍ର.)

### ନୀଳାଦ୍ରିରେ ବିଶ୍ୱ ପଖାଳ ଦିବସ

କେନ୍ଦୁଝର ଜିଲା ବଡବିଲରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନିଳାଦ୍ରୀ ପକ୍ଷରୁ ରବିବାର ଦିନ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। ମାର୍ଚ୍ଚ ୨୦କୁ ବିଶ୍ୱବ୍ୟାପୀ ପଖାଳ ଦିବସ ପାଳନ କରାଯାଉଛି। ଓଡିଆଙ୍କ ପଖାଳକୁ ସବୁ ଭାଷାଭାଷୀ ଓ ସଂପ୍ରଦାୟ ନିକଟରେ ପହଞ୍ଚାଇବା ନିମନ୍ତେ ବିଗତ ୭ ବର୍ଷ ଧରି ନିଳାଦ୍ରୀ ଏହି ଉଦ୍ୟମ ଜାରି ରଖିଛି। ସେଥିନିମନ୍ତେ ରବିବାର ସ୍ଥାନୀୟ ବିଭିନ୍ନ ଭାଷାଭାଷୀ ଓ ସଂପ୍ରଦାୟର ଲୋକମାନଙ୍କୁ ନେଇ ଆୟୋଜିତ ହୋଇଥିଲା। ଏହି ପଖାଳ ଦିବସରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡଃ ତୁଳସୀ ମୁଣ୍ଡା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡିଶା ଖଣି ନିଗମର ଡିଜିଏମ ବୀର ବିକ୍ରମ ମୁର୍ମୁ ଏବଂ ବଡବିଲ ଆଇଆଇସି ସୁଶାନ୍ତ ଦାଶ ଯୋଗଦେଇଥିଲେ। ଏହି ଦିବସରେ ଅଞ୍ଚଳର ବିଭିନ୍ନ ଭାଷାଭାଷୀ ଓ ସମ୍ପ୍ରଦାୟରୁ ଶତାଧିକ ଲୋକେ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଭବ୍ୟ ସ୍ୱାଗତ କରାଯାଇ ପଖାଳ ସହ ଦହି, ଶାଗଭଜା, ବଡ଼ି ଭଜା, ସଜନା ଛୁଇଁ ଭଜା, ଭେଣ୍ଡି ଭଜା, କଳରା ଭଜା, ଆଳୁ ବାଇଗଣ ଭର୍ତ୍ତା, ଚିଙ୍ଗୁଡ଼ି ଛେଚା, ମାଛ ଭଜା, ପୋଇମାଛ, ବଡ଼ି ଚୁରା, ଚୁନା ମାଛବେସର ଆଦି ୧୫ ପ୍ରକାରର ବ୍ୟଞ୍ଜନ ପରଷା ଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ରାଜ କିଶୋର ଦାଶ, ସଭାପତି ଶାନ୍ତନୁ ଦାଶ, ସମ୍ପାଦକ କପିଳ ମହାନ୍ତି ଓ ସଦସ୍ୟମାନେ ସହାୟତା କରିଥିଲେ।

## ଗୋଷ୍ଠୀ ସଂଘର୍ଷ, ୫ ଆହତ

ଆନନ୍ଦପୁର,୨୦।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ଗଡବାନ୍ଧଗୋଡା ଗ୍ରାମରେ ହୋଲି ଉତ୍ସବ ଅବସରରେ ଗୋଷ୍ଠୀ ସଂଘର୍ଷ ଘଟି ୪ ଜଣ ଆହତ ହୋଇ ଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତମାନେ ସାଇଁକୁଳ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବହୁ ଚର୍ଚ୍ଚିତ ଘସିପୁରା ବ୍ଲକ ଗଡବାନ୍ଧଗୋଡା ଗ୍ରାମରେ ନିର୍ବାଚନୀ ପର ଉଷ୍ମତାକୁ ନେଇ ହୋଲି ଖେଳ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀର ଅଭିଯୋଗକୁ ଆଧାର କରି ରାମଚନ୍ଦ୍ରପୁର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁଥିବା ଥାନା ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବାର୍ଲା ସୂଚନା ଦେଇଛନ୍ତି।

## ଚୋରା ବୋଲେରୋ ଅନୁଗୋଳରୁ ଜବତ

ବନ୍ତ, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ବୋଲେରୋକୁ ପୋଲିସ ଅନୁଗୋଳରୁ ଜବତ କରିଛି। ଏଥିରେ ସମ୍ପୃକ୍ତ ନନ୍ଦିପଦା ଥାନା ଓରାଳି ଗ୍ରାମର ସୋମନାଥ ପୁହାଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବନ୍ତ ଥାନା ଅଧୀନ ବସନ୍ତିଆ ଗ୍ରାମର ଏକ ବୋଲେରୋକୁ ଆପଣ୍ଡା ଗ୍ରାମର ଜଣେ ଡ୍ରାଇଭର ଚଲାଉଥିଲେ। ଗତ ଶୁକ୍ରବାର ଡ୍ରାଇଭର ଜଣଙ୍କ ନିଜ ଘର ପାଖରେ ଗାଡ଼ିକୁ ରଖିଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଶନିବାର ଗାଡ଼ି ମାଲିକ ବସନ୍ତିଆ ଗ୍ରାମର ଜେମାମଣି ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ସୋମନାଥଙ୍କୁ ଗିରଫ କରି ପଚରାଉଚରା କରିଥିଲା। ଏଥିସହ ତାଙ୍କଠାରୁ ୨ ବୋଲେରୋ ଓ ୨ ବାଇକ୍ ଜବତ କରିଥିଲା। ପୋଲିସ ଟିମ୍ ଅନୁଗୋଳକୁ ଯାଇ ଚୋରି ବୋଲେରୋକୁ ଜବତ କରିଥିଲା।

## ପ୍ରଚାରରେ ବିକାଶ, ଭାଇଚାରାକୁ ଗୁରୁତ୍ୱ



ନିର୍ବାଚନୀ ସଭାରେ ସ୍ୱାଧୀନ ପ୍ରାର୍ଥୀ ପ୍ରଚାର କରୁଛନ୍ତି।

ଭଦ୍ରକ ଅଫିସ, ୨୦।୩

ଭଦ୍ରକ ପୁରୁଣାବଜାର ସ୍ଥିତ ମଲିକ ମଇଦାନଠାରେ ଶନିବାର ସନ୍ଧ୍ୟାରେ ପୌରାଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାଧୀନ ପ୍ରାର୍ଥୀ ଗୁଲମୁକୀ ହବିବଙ୍କ ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ପୁରୁଣାବଜାର ଅଞ୍ଚଳ ତଥା ସହରର ମୁଖ୍ୟ ସମସ୍ୟାଗୁଡ଼ିକ ସମାଧାନ କରିବା ଓ ସହରରେ ଭାଇଚାରା ପ୍ରତିଷ୍ଠା ଉପରେ ସେ ତାଙ୍କ ପ୍ରଚାରରେ ଗୁରୁତ୍ୱ ଦେଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ପୁରୁଣାବଜାର ଅଞ୍ଚଳ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା କାରଣରୁ ଏହି ଅଞ୍ଚଳ ବହୁ ପଛରେ ପଡ଼ିଛି। ଏଣୁ ଏଥିପ୍ରତି ସେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସହରର ବହୁ ସଂଖ୍ୟାଲଘୁ ନେତାଙ୍କ ସମେତ ବିଭିନ୍ନ ୱାର୍ଡର ପୁରୁଖାମାନେ ସଭାରେ ଉପସ୍ଥିତ ଥିଲେ।

## ଟ୍ରକ ଧକ୍କାରେ ଯୁବକ ମୃତ: ଚାଳକ ଗିରଫ

ପାଟଣା,୨୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ପାଟଣା ବାଇପାସ ନିକଟରେ ଶୁକ୍ରବାର ଅପରାହ୍ଣରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଟ୍ରକ ଚଢ଼ାଇ ମାରିଥିବା ଅଭିଯୋଗରେ ପାଟଣା ପୋଲିସ ଶନିବାର ଟ୍ରକ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ହେଲେ ମୟୂରଭଞ୍ଜ ଜିଲା ଯଶିପୁର ଥାନା କାଦଡିହା ଗ୍ରାମର ଗଣେଶ୍ୱର ମହାନ୍ତ। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ. ୫୧/୨୨) ରୁଜୁ ହୋଇଛି।

## ପଢ଼ିବା ପାଇଁ ତାଗିଦ୍ କରିବାରୁ ଛାତ୍ରଙ୍କ ଆତ୍ମହତ୍ୟା

କୁଆମରା, ୨୦।୩ (ଡି.ଏନ.ଏ.)

ପାଠ ପଢ଼ିବା ପାଇଁ ମା' ତାଗିଦ୍ କରିବାରୁ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଛାତ୍ର ଜଣଙ୍କ କାଜୁଗଛରେ ବେକରେ ରଶି ଲଗାଇ ଜୀବନ ହାରିଛନ୍ତି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତାଳକୁଣ୍ଡା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୨) ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନା ଅନୁଯାୟୀ, ଅଷ୍ଟମ ଶ୍ରେଣୀର ଉକ୍ତ ଛାତ୍ରଙ୍କୁ ଶନିବାର ଅପରାହ୍ଣରେ ତାଙ୍କ ମା' ପାଠ ପଢ଼ିବା ପାଇଁ ତାଗିଦ୍ କରିଥିଲେ। ପରେ ଦିପୁ ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ରାତିରେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ରବିବାର ପୂର୍ବାହ୍ଣରେ ଘର ନିକଟରୁ ପ୍ରାୟ ଅଧା କିଲୋମିଟର ଦୂର କାଜୁ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖି ଖବର ଦେଇଥିଲେ। ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ଼ ପହଞ୍ଚି ମୃତଦେହ ଜବତ କରିଥିଲେ।

## ହାତରେ ବାଣ ଫୁଟି ନାବାଳକ ଗୁରୁତର

ପାଟଣା,୨୦।୩ (ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମର ଉପରସାହିରେ ଶନିବାର ପୂର୍ବାହ୍ଣରେ ବାଣ ବିସ୍ଫୋରଣରେ ତପନ ଗିରି ନାମକ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ଶନିବାର ହୋଲି ପାଇଁ ପାଟଣା ଉତ୍ସବମୁଖର ଥିବା ବେଳେ ତପନ ସାଙ୍ଗ ମାନଙ୍କ ସହ ବାଣ ଫୁଟାଉଥିବା ବେଳେ ତାଙ୍କ ବାମ ହାତରେ ଫୁଟି ଯିବାରୁ ତାଙ୍କର ୨ ହାତ, ଦୁଇ ଗୋଡ଼ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମଣ୍ଡପରେ ପୂଜା ପାଇଲେ ୪୨ ବିମାନ

ବାସୁଦେବପୁର, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଐତିହାସିକ ବ୍ରାହ୍ମଣଗାଁ ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ରାତିରେ ମେଳଣ ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ଚଳିତ ବର୍ଷ ୪୨ ବିମାନ ପୂଜା ମଣ୍ଡପରେ ବିରାଜମାନ କରିଥିଲେ। ବିମାନରେ ଦିଅଁଙ୍କୁ ବିଧିପୂର୍ବକ ପୂଜା କରାଯିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ରାହ୍ମଣଗାଁ ଅଞ୍ଚଳର ଆରାଧ ଦେବତା ପ୍ରସନ୍ନ କ୍ଷେମେଶ୍ୱର ମହାଦେବଙ୍କ ପୀଠରୁ ଆଜ୍ଞାମାଳ ଅଣାଯିବା ସହ ଅବିର ଆସିବା ପରେ ମେଳଣ ଆରମ୍ଭ ହୋଇଥିଲା। ବିଧିପୂର୍ବକ ପ୍ରଥମେ ପ୍ରସନ୍ନ କ୍ଷେମେଶ୍ୱରଙ୍କ ବିଗ୍ରହ ପୂଜା କରାଯିବା ପରେ ଅନ୍ୟ ବିମାନରେ ଥିବା ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ମେଳଣରେ ଯୋଗ ଦେଇଥିଲେ। ଠାକୁର ବାଡ଼ିଆମାନେ ବିମାନଗୁଡ଼ିକୁ ପୂଜା ମଣ୍ଡପକୁ ନେଇଥିଲେ। ସେହିପରି ବାସୁଦେବପୁର ପୌରପାଳିକାର ମଇଁଷାପଦାଠାରେ କାଳୀନହଣ ମେଳଣ ଉତ୍ସବ ଶନିବାର ରାତିରୁ ଆରମ୍ଭ ହୋଇଛି। ସୁସଜ୍ଜିତ ବିମାନଗୁଡ଼ିକୁ ଶୋଭଯାତ୍ରାରେ ମେଳଣ ପଡ଼ିଆକୁ ନିଆଯାଇଥିଲା।

## ଲୋକକଳା ଗ୍ରାମରେ ପ୍ରତିଭା ଅନ୍ୱେଷଣ

ଧାମନଗର, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲାର ଲୋକକଳା ଗ୍ରାମ ଧାମନଗର ବ୍ଲକ ଅଧୀନ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ନିକଟରେ ଦୋଳ ଉତ୍ସବ-୨୦୨୨ ଅବସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ରାଧାକୃଷ୍ଣ ଲୀଳା ସମ୍ପର୍କିତ ସଙ୍ଗୀତ ଆଧାରରେ ପ୍ରତିଯୋଗୀମାନେ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନବନିର୍ବାଚିତ ଧାମନଗର ଜିଲା ପରିଷଦ ଜୋନ୍‌ର ସଦସ୍ୟା ଟୁନିବାଳା ବିଶ୍ୱାଳ ଏବଂ ଅନ୍ୟତମ ଅତିଥି ଭାବେ ନବନିର୍ବାଚିତ ସରପଞ୍ଚ ପ୍ରୀତମ ଦାସ, ଧାମନଗର ପଞ୍ଚାୟତ ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ମହୋତ୍ସବ କମିଟି ସଭାପତି ରମେଶ ଚନ୍ଦ୍ର ଜେନା, ସାମାଜିକ କର୍ମୀ ଦାମୋଦର ମଲ୍ଲିକ, ଶାରଦା ଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ, ପୂର୍ବତନ ସମିତିସଭ୍ୟ ରଞ୍ଜିତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିନୋଦ ସାମଲ, ସତ୍ୟବ୍ରତ ଭାରତୀ, ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ବିଚାରକ ଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷାବିତ୍ ଅଜୟ ସାମଲ, ଶ୍ରୀରାମ ବେହେରା, ଆନନ୍ଦ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାପାଳ, ତହସିଲଦାରଙ୍କୁ ଏନ୍‌ଜିଟି ନୋଟିସ୍

କେନ୍ଦୁଝର,୨୦।୩(ସ୍ୱ.ପ୍ର.)

### ମାଙ୍କଡ଼ାପଥର ଖଣିରୁ ବେଆଇନ ଖନନ

ଘଷିପୁରା ତହସିଲ ଅଧୀନ ମଦନପୁର ମାଙ୍କଡ଼ାପଥର ଖଣିରୁ ବେଆଇନ ଖନନ ଓ ଚୋରା ଚାଲାଣ ମାମଲାର ବିଚାର କରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) କେନ୍ଦୁଝର ଜିଲାପାଳ ଓ ଘଷିପୁରା ତହସିଲଦାରଙ୍କୁ ଏପ୍ରିଲ ୨୯ରେ ବ୍ୟକ୍ତିଗତ ହାଜର ପାଇଁ ଆଦେଶ ଦେଇଛନ୍ତି। ଚୋରା କାରବାର ବାବଦରେ ସମୁଦାୟ ୨,୨୧, ୭୪୬ ଟଙ୍କା ଫାଇନ୍ ଆଦାୟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଲଢୁଥିବା ସରକାରୀ ଓକିଲ ସମାପିକା ମିଶ୍ର କୋର୍ଟଙ୍କୁ ଜଣାଇଛନ୍ତି। ତେବେ ମୋଟ ୭ କୋଟି ୩୦ ଲକ୍ଷ ଟଙ୍କା ଆଦାୟ ପାଇଁ ଆକଳନ କରାଯାଇଥିବା ବେଳେ ମାତ୍ର ୦.୨୫ ପ୍ରତିଶତ ଫାଇନ ଆଦାୟ ହୋଇପାରିଛି। ଏଣୁ ରାଜ୍ୟ ସରକାର ଏନେଇ ସାନି ସତ୍ୟପାଠ ଦାଖଲ କରି ଉକ୍ତ ଫାଇନ ଆଦାୟ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ସୂଚନା ଦେବାକୁ କୋର୍ଟ ଆଦେଶ ଦେଇଛନ୍ତି। ଉକ୍ତ ସ୍ଥାନରେ ବେଆଇନ ଭାବରେ ଖଣି ଖନନ କରି ବ୍ୟାପକ ମାଙ୍କଡ଼ା ପଥର ଚୋରାଚାଲାଣ ହୋଇଥିଲା। ଏନେଇ ଅଭିଯୋଗ ପରେ ମଧ ପ୍ରଶାସନ ନ ଶୁଣିବାରୁ ସ୍ଥାନୀୟ ଲୋକେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ୨୦୧୯ରେ ଏହି ମାମଲା (ଅଭିଯୋଗ ଦରଖାସ୍ତ ନଂ.୧୧/୨୦୧୯) ଏନ୍‌ଜିଟିକୁ ଯାଇଥିଲା। ଏହି ଖଣି ଚୋରି କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ମାମଲା ରୁଜୁ କରି ହୋଇଥିବା ଆକଳନ କ୍ଷତି ବାବଦକୁ ୭.୩୦ କୋଟି ଟଙ୍କା ଆଦାୟ କରିବା ସହ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ଟ୍ରିବ୍ୟୁନାଲ କୋର୍ଟ ଆଦେଶ ଦେଇଥିଲେ ହେଁ ଏନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କୋର୍ଟଙ୍କ ଆଦେଶକୁ ଅବମାନନା କରି ପ୍ରଶାସନ ଠିକ୍ ତଥ୍ୟ ଦେଉ ନ ଥିବାରୁ କୋର୍ଟ ଜିଲାପାଳ ଓ ତହସିଲଦାରଙ୍କୁ ହାଜର ହେବା ଲାଗି ଆଦେଶ ଦେଇଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପାଣି କହିଛନ୍ତି। ଏସମ୍ପର୍କରେ ଜିଲାପାଳ ଆଶୀଷ ଠାକ୍‌ରେ କହିଛନ୍ତି, ଉକ୍ତ ଖଣିକୁ ବନ୍ଦ କରିଦିଆଯାଇଛି। ଏବଂ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଏନ୍‌ଜିଟିକୁ ଜଣାଇ ଦିଆଯାଇଛି।

**ଟ୍ରକ୍ ଧକ୍କାରେ କଲେଜ ସିକ୍ୟୁରିଟି ଗାର୍ଡଙ୍କ ଜୀବନ ଗଲା**

ସାରସକଣା,(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୁଆଣି ସ୍ଥିତ ସୀମାନ୍ତ ଇଞ୍ଜିନିୟରିଂ କଲେଜ ନିକଟରେ ସଡ଼କ ଦୁର୍ଘଟଣା ଘଟି ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଘଣ୍ଟିଆବୁଡା ଗ୍ରାମର ଯୋଗେଶ୍ୱର ମହାନ୍ତ। ସୂଚନା ଅନୁଯାୟୀ, ସେ ରବିବାର ସଂନ୍ଧ୍ୟାରେ ଡ୍ୟୁଟିକୁ ଯାଉଥିବା ସମୟରେ ଏକ ଅଜଣା ଟ୍ରକ୍ ଧକ୍କା ଦେଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଉକ୍ତ ରାସ୍ତାକୁ ବନ୍ଦ କରି ରଖିଥିଲେ।

## ସଂକ୍ଷେପରେ

### ଆମ୍ବୁଲାନ୍ସ-ବାଇକ୍ ଧକ୍କା: ଜଣେ ମୃତ, ୨ ଗୁରୁତର

ଧାମନଗର, ୨୦।୩ (ଡି.ଏନ.ଏ)-ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ବିରୁହାଁ ମାହାରା ଛକଠାରେ ରବିବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ସହ ବାଇକ୍ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଯୁବକ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଅଟକାଇ ମାଡ଼ ମାରିଥିଲେ। ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ୧୦୮ ଆମ୍ବୁଲାନ୍ସଟି ପଧାନୀରୁ ଧାମନଗର ଆସୁଥିବା ବେଳେ ବିପରୀତ ଦିଗରୁ ଏକ ବାଇକ୍‌ରେ ତିନିଜଣ ଯୁବକ ଜାହାଙ୍ଗୀର ଆଡ଼କୁ ଯାଉଥିଲେ। ବିରୁହାଁ ମାହାରା ଛକଠାରେ ଆମ୍ବୁଲାନ୍ସ ସହ ବାଇକ୍ ଧକ୍କା ହୋଇଥିଲା। ବାଇକ୍‌ରେ ଥିବା ବିରୁହାଁ ଗ୍ରାମର ଅବିନାଶ ମହାଲିକ, ଅଂଶୁମାନ ମହାନ୍ତି ଓ ଅଭିଷେକ ମହାନ୍ତି ଗୁରୁତର ହୋଇଥିଲେ। ସେମାନଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅବିନାଶଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅଂଶୁମାନ ଓ ଅଭିଷେକଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଧାମନଗର ଥାନାରେ ମାମଲା (ନଂ.୧୦୫/୨୨) ରୁଜୁ ହୋଇଛି।

### ରାଜନୈତିକ ହିଂସାକୁ ନେଇ ପୃଥକ୍ ମାମଲା

କୁଆମରା, ୨୦।୩(ଡି.ଏନ.ଏ.): ପଞ୍ଚାୟତ ନିର୍ବାଚନ ପରେ ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଘଟିଛି। ଫଳରେ ଉଭୟ ଗୋଷ୍ଠୀ ଅଭିଯୋଗ କ୍ରମେ ଖୁଣ୍ଟା ଥାନାରେ ପୃଥକ ମାମଲା ରୁଜୁ ହୋଇଛି ବୋଲି ଫାଣ୍ଡି ଅଧିକାରୀ ବିବି ସ୍ୱାଇଁ କହିଛନ୍ତି। ଗତ ୧୨ ତାରିଖ ବ୍ଲକ ଅଧକ୍ଷ ନିର୍ବାଚନ ପରେ ଅପରାହ୍ନ ୩ଟାରେ କର୍ମୀମାନେ ଗ୍ରାମରେ ବାଣ ଫୁଟାଇଥିଲେ। ପରେ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରବାଡ଼ିରେ ଥିବା କୁଟାଗଦାରେ ନିଆଁ ଲାଗିଯାଇଥିଲା। ଏହାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ବୁଝାମଣା କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସମାଧାନର ରାସ୍ତା ନ ବାହାରିବାରୁ ଶେଷରେ କୁଆମରା ଫାଣ୍ଡିରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି।

### 'ଆପ୍'ର ବାଇକ୍ ରାଲି

ବାଲେଶ୍ୱର ଅଫିସ,୨୦।୩- ବାଲେଶ୍ୱରରେ ପୌର ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ତରଫରୁ ରବିବାର ଏକ ବାଇକ ରାଲିର ଆୟୋଜନ କରାଯାଇଥିଲା। ଏହି ବାଇକ ରାଲି ଆଇଟିଆଇ ହାଇସ୍କୁଲଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଏଥିରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି ପାର୍ଟିର କାର୍ଯ୍ୟକ୍ରମ ତଥା ଦିଲ୍ଲୀ ଓ ପଞ୍ଜାବରେ ସାଧାରଣ ଜନତାଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ଅବଗତ କରିବା ସହ ବାଲେଶ୍ୱରରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇଲେ କେଉଁ କେଉଁ ସୁବିଧା ସହରବାସୀ ପାଇବେ ତା'ର ପ୍ରଚାର ପ୍ରସାର କରିଥିଲେ। ରାଲି ସମୟରେ ସହରର ୯ନଂ. ୱାର୍ଡ଼ର କାଉନସିଲର ପ୍ରାର୍ଥୀ କାହ୍ନୁଚରଣ ଲେଙ୍କା ଓ ୨୭ନଂ.ୱାର୍ଡ଼ର କାଉନସିଲର ପ୍ରାର୍ଥୀ ସଫିଉଲ୍ଲା ଏବଂ ଚେୟାରମ୍ୟାନ୍ ପ୍ରାର୍ଥିନୀ ସବିତା ରାଣୀ ଦାସ ପ୍ରମୁଖ ଲେକମାନଙ୍କର ମୌଳିକ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ସ୍ୱର୍ଣ୍ଣଭାରତ ମଲ୍ଲିକଙ୍କ ସହ ଦଳର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ମୌଳିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି ୱାର୍ଡବାସୀ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ,୨୦।୩



ଶୌଚାଳୟ ନ ଥିବା ବୈଦ୍ୟନାଥ ପ୍ରାଥମିକ ବିଦ୍ୟାଳୟ ଓ ପାଇପ୍‌ରେ ଆସୁଥିବା ଗୋଳିଆ ପାଣି।

ବାଲେଶ୍ୱର ପୌରାଞ୍ଚଳ ଅଫିସ୍‌ରୁ ମାତ୍ର ୨ଶହ ମିଟର ଦୂରରେ ଅବସ୍ଥିତ ୧୨ନଂ.ୱାର୍ଡ। ଏଠାରେ ମୁଖ୍ୟ ସମସ୍ୟା ପାଲଟିଛି ପାନୀୟ ଜଳ। ୧୯୫୬ରୁ ସ୍ଥାପିତ ବୈଦ୍ୟନାଥ ପ୍ରାଥମିକ ବିଦ୍ୟାଳୟର ଶୌଚାଳୟ ଆଜି ପର୍ଯ୍ୟନ୍ତ ନାହିଁ। ଏହିସବୁ ମୌଳିକ ସମସ୍ୟାକୁ ଭୁଲି କେନ୍ଦ୍ର ଓ ରାଜ୍ୟ ସରକାରୀ ଦଳର ନେତାମାନେ ଭତ୍ତା ଓ ଆବାସ ଯୋଜନାକୁ ଭିତ୍ତି କରି ନିର୍ବାଚନ ଲଢୁଥିବା ବେଳେ ସ୍ୱାଧୀନ ପ୍ରାର୍ଥୀମାନେ ଉପରୋକ୍ତ ସମସ୍ୟାକୁ ପ୍ରସଙ୍ଗ କରିଛନ୍ତି।

୧୨ନଂ. ୱାର୍ଡ ଦାମୋଦରପୁର, ବାଙ୍କସାଲ ଘାଟ, ଦେବୀବାଡ଼ି ଲେନ, ମହାପ୍ରଭୁ ବାଡ଼ି ଲେନ, ମଣ୍ଡଳ ଷ୍ଟ୍ରିଟ୍, ମଦନ ଦାସ ଲେନ୍, ବି.ସି. ଦତ୍ତ ଷ୍ଟ୍ରିଟ୍, ବାଲିଘାଟ, ବି.ବି. ଦେ ଷ୍ଟ୍ରିଟ୍ (ଆଂଶିକ), ପୁରୁଣା ସ୍କୁଲ ଲେନ, ସଦାଶିବ ଲେନକୁ ନେଇ ଗଠିତ। ଏଠାରେ ୩୮୫ ପରିବାର ବସବାସ କରୁଥିବା ବେଳେ ମୋଟ୍ ଭୋଟର ସଂଖ୍ୟା ୩୨୮୦। ସେଥିମଧ୍ୟରୁ ମହିଳା ଭୋଟର ୧୬୮୩ ଓ ପୁରୁଷ ଭୋଟର ୧୫୯୭ ରହିଛନ୍ତି। ଏପରିକି ଉକ୍ତ ୱାର୍ଡରେ ବାହାରୁ ଆସି ଭଡ଼ାରେ ରହୁଥିବା ଲୋକମାନଙ୍କୁ ମିଶାଇଲେ ୬ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏଠାରେ ମୁଖ୍ୟ ସମସ୍ୟା ପାନୀୟ ଜଳ। କେବେଠୁ ବିଛା ହୋଇଥିବା ପୁରୁଣା ପାଇପ୍ ଯୋଗେ ପୂର୍ବାହ୍ନ ଓ ଅପରାହ୍ନରେ ୧ଘଣ୍ଟା ଲେଖାଏଁ ପାଣି ଆସିଥାଏ। ସେ ପାଣି ମଧ୍ୟ ଗୋଳିଆ ଓ ଅପରିଷ୍କାରରେ ଭର୍ତ୍ତି ହୋଇଥିବାରୁ ବ୍ୟବହାର ଉପଯୋଗୀ ନୁହେଁ। ଖରାଦିନେ ପାଣିର ସଙ୍କଟ ଏତେ ବଢ଼ିଯାଏ ଯେ, ପୌରାଞ୍ଚଳ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଇଥାଏ। ଅନ୍ୟପକ୍ଷରେ ଡ୍ରେନେଜ୍ ସମସ୍ୟା, ମହାନାଳର ମରାମତି, ପରିମଳ ବ୍ୟବସ୍ଥା ଶୋଚନୀୟ ଅଟେ। ଗତ ୨୦୨୦ରେ ହୋଇଥିବା ଉପ-ନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ୱରୂପ କୁମାର ଦାସ ବିଜୟୀ ହେଲେ ଏକ ପମ୍ପ ହାଉସ କରି ପାନୀୟ ଜଳ ସମସ୍ୟା ଦୂର କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଛି। କାଉନ୍‌ସିଲର ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାରରେ ଆସିଥିବା ବିଧାୟକ ଦାସଙ୍କୁ ଲୋକେ ପ୍ରଶ୍ନବାଣରେ ପୋତି ପକାଇଥିଲେ। ସେ ତରବରିଆ ଭାବେ ଉକ୍ତ ସ୍ଥାନରୁ ପଳାଇ ଯାଇଥିବା ୱାର୍ଡବାସୀ ରାଜେଶ କୁମାର ବର୍ଦ୍ଧନ ପ୍ରକାଶ କରିଛନ୍ତି। ଜିଲାରେ ପୁରାତନ ପ୍ରାଥମିକ ବିଦ୍ୟାଳୟ ଭାବେ ପରିଚିତ ବୈଦ୍ୟନାଥ ପ୍ରାଥମିକ ବିଦ୍ୟାଳୟରେ ଆଖପାଖ ଅଞ୍ଚଳର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ବିଦ୍ୟାଳୟରେ କୌଣସି ଶୌଚାଳୟ ନ ଥିବାରୁ ସେମାନେ ଶୌଚ ପାଇଁ ନିଜ ନିଜ ଘରକୁ ଯିବା ସହ ରାସ୍ତା ପାର୍ଶ୍ୱରେ ମଧ୍ୟ ଶୌଚ ସହ ପରିସ୍ରା କରିଥାନ୍ତି। ଯାହା ଆଜିକା ଦିନରେ ଅତି ନିନ୍ଦନୀୟ ଘଟଣା ବୋଲି ୱାର୍ଡବାସୀ ଦେବକିଶୋର ରଣା କହିଛନ୍ତି। ୱାର୍ଡର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଉଥିବା ପ୍ରମୁଖ ଦଳର ପ୍ରାର୍ଥୀମାନେ ବିଜୟୀ ହେବା ପରେ ମୁହଁ ମୋଡ଼ି ନିଜ ସ୍ୱାର୍ଥ ସହ ବଞ୍ଚିବା ପାଇଁ ଲୋକଙ୍କୁ ଭତ୍ତା ଓ ଆବାସ ଯୋଜନା ପଛରେ ରହିଯାଉଥିବା ବେଳେ ମୌଳିକ ସମସ୍ୟାକୁ ଭୁଲି ଯାଉଥିବା ୱାର୍ଡବାସୀ କୁମାର ଚନ୍ଦ୍ର ରଣା ଅଭିଯୋଗ କରିଛନ୍ତି। ଏଥିପାଇଁ ୱାର୍ଡବାସୀ ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜୟୀ କରାଇ ଆନ୍ଦୋଳନ ମାଧ୍ୟମରେ ୱାର୍ଡର ଦାବି ହାସଲ କରିବା ଲାଗି ଏକ ଅଭିନବ ଉପାୟ ବାହାର କରିଛନ୍ତି। ୱାର୍ଡର ଭୋଟର ଏକତ୍ରିତ ହୋଇ ଦୀର୍ଘଦିନ ଧରି ୱାର୍ଡପାଇଁ କାର୍ଯ୍ୟ କରିଆସୁଥିବା ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜୟୀ କରିବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏଠାରେ କଥା

■ସମସ୍ୟା ବହୁଳ ୧୨ନଂ. ୱାର୍ଡ
■ଭତ୍ତା, ଆବାସ ଯୋଜନା ପ୍ରସଙ୍ଗ ଭିତରେ ସୀମିତ ନେତା

ଉଠୁଛି ବିଜେଡିରୁ ଜଗନ୍ନାଥ ମହାରଣା, ଭାଜପାରୁ ଯୋଗେନ୍ ରଣା, କଂଗ୍ରେସରୁ ଚିତ୍ତରଞ୍ଜନ ନାୟକ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବିଜେଡିରୁ ଟିକଟ ନ ପାଇ ସ୍ୱାଧୀନ ଭାବେ ଅନିନ୍ଦ୍ୟ କୁମାର ପଣ୍ଡା, ଗୋପାଳ ରଣା ଓ ରାଜକିଶୋର ରଣା ପ୍ରତିଦ୍ୱନ୍ଦିତା କରୁଛନ୍ତି। କିନ୍ତୁ ଦୀର୍ଘ ୧୦ବର୍ଷ ଧରି ସିଧାସଳଖ ରାଜନୀତିରେ ପାଦ ଦେଇ ଲୋକମାନଙ୍କର ସେବା କରିଆସୁଥିବା ସୁଶାନ୍ତ କୁମାର ରଣା (ଟିନା) ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଭତ୍ତା ଓ ଆବାସ ଯୋଜନାରେ କେବଳ ସୀମିତ ନ ରହି ୱାର୍ଡର ମୌଳିକ ସମସ୍ୟାକୁ ସମାଧାନ କରିବାର ପ୍ରସଙ୍ଗ ନେଇ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି ସ୍ୱାଧୀନ ପ୍ରାର୍ଥୀ ସୁଶାନ୍ତ ବୋଲି ୱାର୍ଡବାସୀ ରାଧାକୃଷ୍ଣ ଦେ, ସରସ୍ୱତୀ ଦାସ, ପ୍ରତିଭା ଅଧିକାରୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏହାପରେ ମଧ୍ୟ ପ୍ରତିଦ୍ୱନ୍ଦିତା କରୁଥିବା ୭ଜଣ ପ୍ରାର୍ଥୀ ବିଜୟୀ ଆଶାରେ ଜୋରଦାର ପ୍ରଚାର ଜାରି ରଖିଛନ୍ତି। ତେବେ ଏହି ୱାର୍ଡରେ କିଏ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା।

### ଆକ୍ରମଣରେ ୪ ଗୁରୁତର

ଖଇରା,୨୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଆଳଦା ଗ୍ରାମର ଇନ୍ଦ୍ରଜିତ ଗୁପ୍ତା ଓ ଅନ୍ୟ ୩ଜଣ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖଇରା ପୋଲିସ ପ୍ରାଥମିକ ତଦନ୍ତ ଜାରି ରଖିଛି। ରବିବାର ପୂର୍ବାହ୍ନରେ ସମ୍ପର୍କୀୟ ବିନୟ ଗୁପ୍ତା ନିଜ ଗାଡ଼ିରେ ବଟେଶ୍ୱର ତେଲଦିଆ ରାସ୍ତା ଦେଇ ଭଦ୍ରକ ଯାଉଥିବା ବେଳେ ସୋର-କୁପାରୀ ରାସ୍ତା କଡ଼ରେ ହୋଟେଲ ଚଲାଇଥିବା ଗୋଟିଏ ପରିବାରର ବାପ ଓ ୨ପୁଅ ଗାଡି ଅଟକାଇ ବିନୟ ଓ ତାଙ୍କ ଡ୍ରାଇଭର ମୁନା ଶର୍ମାଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ବିନୟ ସହାୟତା ପାଇଁ ସମ୍ପର୍କୀୟ ଇନ୍ଦ୍ରଜିତଙ୍କୁ ଫୋନ କରିବା ପରେ ଇନ୍ଦ୍ରଜିତ ନିଜ ସହ୍‌ଯୋଗୀ ସରୋଜଙ୍କୁ ସାଥୀରେ ଧରି ସେଠାରେ ପହଞ୍ଚିଥିଲେ। ତାଙ୍କ ମୁଣ୍ଡକୁ ମଧ୍ୟ ଲୁହା ରଡ୍‌ରେ ପିଟି ଲହୁଲୁହାଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ କାହ୍ନୁଚରଣ ସାହୁ ଓ ଅନ୍ୟମାନେ ସେଠାରେ ପହଞ୍ଚି ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ । ପରେ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଦେଶୀମଦ କାରବାରକୁ କେନ୍ଦ୍ର କରି ଏହି ଘଟଣାର ସୂତ୍ରପାତ ହୋଇଥିବା କୁହାଯାଉଛି।

## 'ସଂସ୍କୃତି, ପରମ୍ପରା ଏକତା ସୂତ୍ରରେ ବାନ୍ଧି ରଖେ'

**ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବର ୫ମ ସନ୍ଧ୍ୟା**

ବନ୍ତ,୨୦।୩(ସ୍ୱ.ପ୍ର.)




ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କଳା, ସଂସ୍କୃତି ଓ ପରମ୍ପରା ଆମକୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ। ମହୋତ୍ସବ ମାଧ୍ୟମରେ ଏହା ସାଧିତ ହୋଇଥାଏ ବୋଲି ବନ୍ତ ବ୍ଲକ ଆଗରପଡ଼ା ହେମପଦ୍ମ ଗାଲାକ୍ସିଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୫ମ ସନ୍ଧ୍ୟାରେ ଯୋଗ ଦେଇଥିବା ଭଦ୍ରକ ଉପ ଆରକ୍ଷୀ ଅଧୀକ୍ଷକ ଜତୀନ ପଣ୍ଡା ମତବ୍ୟକ୍ତ କରିଥିଲେ। କମିଟି ସଭାପତି ଆଇନଜୀବୀ ମନୋଜ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ଅଭିନେତ୍ରୀ ତମସା ମିଶ୍ର, ଉପସଭାନେତ୍ରୀ ମମତା ମହାନ୍ତି, ଉପଦେଷ୍ଟା ରଥ ବେହେରା, ମେଲୋଡ଼ି କୁଇନ ଜିନା ଓ ଉପସ୍ଥାପକ ମିଲନ୍ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

କମିଟିର ସାଧାରଣ ସମ୍ପାଦକ ହେମନ୍ତ ସିଂହ ଅତିଥି ପରିଚୟ ଓ ଅମୀୟ ରଞ୍ଜନ ରାମ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ସହ ଶିକ୍ଷକ ରବୀନ୍ଦ୍ର କୁମାର ଜେନା, ଶତ୍ରୁଘ୍ନ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥାପକ ଜ୍ୟୋତିଷଙ୍କ ମଞ୍ଚ ପରିଚାଳନାରେ ମେଲୋଡ଼ି କୁଇନ ଜିନା ଓ ମିଲନଙ୍କ ନୃତ୍ୟ ସଙ୍ଗୀତ ସହ ଅଭିନେତ୍ରୀ ତମସାଙ୍କ ସଂଳାପକୁ ଭରପୂର ମଜା ଉଠାଇଥିଲେ ଦର୍ଶକ। ମହୋତ୍ସବ କମିଟିର ସହ ସମ୍ପାଦକ ଗୋପାଳକୃଷ୍ଣ ଦାଶ, ସୁବୋଧ ସାହୁ, ଅଶୋକ ପରିଡ଼ା, ଚିତ୍ତରଞ୍ଜନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଷ୍ଠୀ ସଂଘର୍ଷ: ୭ ଗୁରୁତର

ପଦ୍ମପୁର,୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତର ବଳସାହି ଗ୍ରାମରେ ଶନିବାର ରାଜନୈତିକ ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୭ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଅଭିଯୋଗ କ୍ରମେ ଥାନାରେ ୩ଟି ମାମଲା ରୁଜୁ ହୋଇଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି।

ଶନିବାର ହୋଲି ଖେଳ ସମୟରେ ଏହି ଗୋଷ୍ଠୀ ସଂଘର୍ଷ ଘଟିଛି। କାଶ୍ୟପ ନାୟକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର କେତେଜଣ ବ୍ୟକ୍ତି ବିନା ସୂଚନା ଫଳକରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲେ। ଏହାକୁ ସେ ବିରୋଧ କରିବାରୁ ଅନ୍ୟ ଗୋଷ୍ଠୀର ଲୋକ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୭୨/୨୨) ରୁଜୁ ହୋଇଛି। ଏହି ଆକ୍ରମଣରେ ଖେମପୁର ଗ୍ରାମର ମାନସୀ ନାୟକଙ୍କ ସମ୍ପର୍କୀୟ ଆହତ ହୋଇଥିବା ବେଳେ ତାଙ୍କ ଅଭିଯୋଗ କ୍ରମେ ୫ ଜଣଙ୍କ ନାଁରେ ମାମଲା (ନଂ. ୭୫/୨୨) ରୁଜୁ କରାଯାଇଛି। ଅପରପକ୍ଷର ଉତ୍କଳ ବାରିକଙ୍କ ଅଭିଯୋଗ କ୍ରମେ ମାମଲା (ନଂ.୭୦/୨୨) ରୁଜୁ ହୋଇଛି। ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର, ଏସ୍‌ଆଇ ବନମାଳି ପରିଡ଼ା, ବିଜୟ କୁମାର ଦାସ ମହାପାତ୍ର ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଉକ୍ତ ଗ୍ରାମରେ ନଜର ରଖିଛନ୍ତି।

## ବିଜେଡିର ମାରାଥନ୍ ପ୍ରଚାର

ବାଲେଶ୍ୱର ଅଫିସ,୨୦।୩

ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡ଼ରେ ପ୍ରଚାରର ମଙ୍ଗ ଧରି ନିର୍ବାଚନୀ ମୈଦାନକୁ ଓହ୍ଲାଇବା ସହ ପୌର ନିର୍ବାଚନୀ ମାହୋଲକୁ ଉଷ୍ମ କରିଛନ୍ତି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ। ରବିବାର ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧୯,୨୬ ଏବଂ ୧୮ନଂ.ୱାର୍ଡ଼ରେ ଘରକୁ ଘର ବୁଲି ବିଧାୟକ ଦାସ, ରାଜ୍ୟ ମହିଳା କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଏବଂ ପୂର୍ବତନ ପୌର ଅଧ୍ୟକ୍ଷ ଆଲୋକ ସାହୁ ୱାର୍ଡ଼ର ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ।

ଏଥିସହ ଅପରାହ୍ନରେ ୧୦, ୧୪,୮, ୭,୨୪,୨. ୫ ,୧୬ ଓ ୩୦ନଂ.ୱାର୍ଡ଼ରେ ଦଳୀୟ ନେତୃତ୍ୱ ଏବଂ ଅଞ୍ଚଳବାସୀଙ୍କ ସହ ନିର୍ବାଚନୀ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣକାରୀ ଯୋଜନା ବାବଦରେ ବୁଝାଇଥିଲେ। ସହରାଞ୍ଚଳରେ ଜଳ ସମସ୍ୟାର ଦୂରୀକରଣ, ଗମନାଗମନ ନିମନ୍ତେ ଉନ୍ନତମାନର ସଡ଼କ ପ୍ରସ୍ତୁତି ତଥା ବିଜୁଳି ଯୋଗାଣକୁ କିପରି ଭାବେ ବିଜେଡି ପ୍ରାଧାନ୍ୟ ଦେଇଛି ତାହା ବର୍ଣ୍ଣନା କରିଥିଲେ। ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ପ୍ରାର୍ଥିନୀ ସବିତା ସାହୁ ତଥା ସମସ୍ତ ୱାର୍ଡ଼ର କାଉନ୍‌ସିଲର ପ୍ରାର୍ଥୀ ଏବଂ ପ୍ରାର୍ଥୀନୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଉନ୍ନତିକୁ ବହୁଗୁଣିତ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟ ରଞ୍ଜନ ଦାସ, ଟାଉନ ସଭାପତି ସନତ ଦାସ, ଛାତ୍ର ସଭାପତି ସିମନ ଦାସ ମହାପାତ୍ର, କାଉନ୍‌ସିଲର ପ୍ରାର୍ଥିନୀ ଶୋଭା ମହାପାତ୍ର, ଶେଖ ଆୟୁବ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ରାଧାକୃଷ୍ଣ ଦାସ, କୈଳାଶ ସେଠୀ, ପ୍ରୀତିଲତା ସେଠୀ, ମିନା ମହାନ୍ତି, ଅମିତ କୁମାର ନାୟକ, ମିତା ପଟ୍ଟନାୟକ, ସବିତା ରାଣୀ ଦାସ, ସୁନିଆ ମୁର୍ମୁଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ନେତ୍ରୀ ଉପସ୍ଥିତ ଥିଲେ।



ପ୍ରଚାର କାର୍ଯ୍ୟକ୍ରମରେ ବିଧାୟକ ସ୍ୱରୂପ କୁମାର ଦାସ ଓ ଅନ୍ୟମାନେ।

## କଂଗ୍ରେସ ସମର୍ଥକଙ୍କୁ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର ,୨୦।୩ (ଡି.ଏନ.ଏ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ପଶ୍ଚିମବାର୍ଡ ପଞ୍ଚାୟତର ଦେବକୁମାର ଗାଁରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟି ୨ଜଣ ଗୁରୁତର ହୋଇଛନ୍ତି । କଂଗ୍ରେସ ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାରୁ ସମଗ୍ର ଅଞ୍ଚଳ ଉପରେ ଜଳେଶ୍ୱର ପୋଲିସ ସତର୍କ ନଜର ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ୨ଟା ବେଳେ ଦେବକୁମାର ଗାଁର ମାଝିସାହିର କଂଗ୍ରେସ ସମର୍ଥକ ପଞ୍ଚାନନ ମାଝିଙ୍କ ପୁଅ ଭରତ ଓ ରାମଚନ୍ଦ୍ର ମାଝି ଘରେ ଭାତ ଖାଇବାକୁ ବସିଥିବା ବେଳେ ସାହିର ବିଜେଡି ସମର୍ଥିତ ୫୦ରୁ ଊର୍ଦ୍ଧ୍ୱ ଯୁବକ ଅତର୍କୀତ ଆକ୍ରମଣ କରିଥିଲେ। ଏକ ଦଉଡିରେ ଭରତଙ୍କୁ ବାନ୍ଧି ଫାସି ଲଗାଇ ଦେବାକୁ ଚେଷ୍ଟା କରିବା ସମୟରେ ପଡୋଶୀ ବଂଶୀଧର ଦଳାଇ, ପୂର୍ଣ୍ଣଚନ୍ଦ୍ର ବେହେରା ସେଠାରେ ପହଞ୍ଚି ପରିବାରର ଅନ୍ୟମାନଙ୍କ ସହିତ ମହିଳାମାନେ ପ୍ରତିରୋଧ କରିଥିଲେ। ଫଳରେ ମହିଳାମାନଙ୍କ ସହିତ ପଡୋଶୀମାନଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଗ୍ରାମର ଝାଡେଶ୍ୱର ମାଝି, ଜଙ୍ଗେଶ୍ୱର ମାଝି, ରବିନ୍ଦ୍ର ମାଝି, ବରେନ୍ଦ୍ର ମାଝି, କାଳିଚରଣ ମାଝି, ଚନ୍ଦନ ମାଝି, ବିଜୟ ମାଝି, ଅଜୁ ମାଝି, ଅଶୋକ ବେହେରା, ପଦୁ ବେହେରା, ବିଦ୍ୟୁଲୋଚନ ବେହେରା, ତପନ ବେହେରା, ମନ୍ମଥ ବେହେରା, ରବିନ୍ଦ୍ର ଦଳାଇ, ରାମଚନ୍ଦ୍ର ଦଳାଇ ପ୍ରମୁଖଙ୍କ ସହିତ ୫୦ରୁ ଊର୍ଦ୍ଧ୍ୱ ଯୁବକ ଖଣ୍ଡା, ତରୱାଲ, ଦାଉଲି, ଠେଙ୍ଗା ସହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିବା ଭରତ ମାଝିଙ୍କ ମାଆ ସୁବାସିନୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହା ସହିତ ତାଙ୍କ ଘରୁ ପ୍ରାୟ ୨ଲକ୍ଷ ଟଙ୍କାର ନଗଦ ରାଶି, ସୁନା ଗହଣା, ବାସନକୁସନ ଇତ୍ୟାଦି ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ବିକାଶଧାରା ବଜାୟ ରଖିବା ଉପରେ ଗୁରୁତ୍ୱ

ଚମ୍ପୁଆ, ୨୦।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦର ଚଳିତ ଥର ହେବାକୁ ଥିବା ନିର୍ବାଚନ ଆଉ କେଇଟା ଦିନ ବାକି ରହିଥିବା ବେଳେ ବିଭିନ୍ନ ଦଳ ଭୋଟରଙ୍କ ନିକଟରେ ପହଞ୍ଚିବାର ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ଦଳ ନିଜ ନିର୍ବାଚନୀ ଇସ୍ତାହାରରେ ଚମ୍ପୁଆ ଏନଏସିର ସର୍ବାଙ୍ଗୀନ ଉନ୍ନତିର ଦ୍ୱାହୀ ଦେଇ ଭୋଟ୍ ମାଗୁଥିବା ବେଳେ ଏନ୍‌ଏସି ବାସୀଙ୍କ ବିଶ୍ୱାସକୁ ଜିତିବାରେ ସମସ୍ତେ ଚେଷ୍ଟା ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଭାଜପାର ଚେୟାରମ୍ୟାନ ପ୍ରାର୍ଥୀ ରାଜେଶ ଆଚାର୍ଯ୍ୟ, ରାଧାକାନ୍ତ ମହାନ୍ତ, ରମେଶ ଚନ୍ଦ୍ର ପ୍ରଧାନ, ଅଗନୁ ଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଭାଜପାର ଚମ୍ପୁଆ ନଗର ଇସ୍ତାହାର ପତ୍ର ଉନ୍ମୋଚନ କରିଥିଲେ। ଚମ୍ପୁଆର ବିକାଶଧାରାକୁ ବଜାୟ ରଖିବା ଭାଜପାର ସଂକଳ୍ପ ବୋଲି ଅଭିହୀତ କରିବା ସହିତ ବିଜେପି ହିଁ ଚମ୍ପୁଆର ଏକମାତ୍ର ବିକଳ୍ପ। ୨୧ ଗୋଟି ବିକାଶ ମୂଳକ କାର୍ଯ୍ୟକୁ ଭାଜପା ପ୍ରାଧାନ୍ୟ ଦେଇ ସର୍ବାଙ୍ଗୀନ ଉନ୍ନତି କରିବ ବୋଲି ଶର୍ମା ସୂଚନା ପ୍ରଦାନ କରିଥିଲେ।




ଭାଜପା କର୍ମକର୍ତ୍ତାମାନେ ଇସ୍ତାହାର ପତ୍ର ଉନ୍ମୋଚନ କରୁଛନ୍ତି।

## ଅନିଶ୍ଚିତତାରେ ଚନ୍ଦନେଶ୍ୱର ଜୀଉଙ୍କ ଚଡ଼କମେଳା

ଭୋଗରାଇ,୨୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଚଳିତବର୍ଷ ହେବାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। କୋଭିଡ୍ କଟକଣା କୋହଳ ହେବା ପରଠୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ସହିତ ପର୍ଯ୍ୟଟନସ୍ଥଳୀ ଗୁଡ଼ିକ ସ୍ୱାଭାବିକ ହେବାରେ ଲାଗିଛି। ତେବେ ସମ୍ଭାବ୍ୟ ଚତୁର୍ଥ ଲହରର ମୁକାବିଲା ପାଇଁ ଏବେଠୁ ସଚେତନ ହେବା ଲାଗି ସତର୍କ କରାଯାଉଥିବାରୁ ଚଡ଼କ ମେଳା ହେବା ନେଇ ଅନିଶ୍ଚିତତା ଲାଗି ରହିଛି। ସୋମବାର ଟ୍ରଷ୍ଟ ବୋର୍ଡ଼ ଓ ଜିଲାପ୍ରଶାସନ ପକ୍ଷରୁ ତାଳସାରୀ ଓଟିଡିସିରେ ହେବାକୁ ଥିବା ବୈଠକ ଉପରେ ସଭିଙ୍କ ନଜର ରହିଛି।

ପୂର୍ବ ଭାରତର ଅନ୍ୟତମ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଏପ୍ରିଲ ପହିଲାରୁ ଶୁଭାରମ୍ଭ ହେବାକୁ ଯାଉଛି। ଦୁଇବର୍ଷ ଧରି ବିନାଭକ୍ତରେ ଏହି ମେଳା ଅନୁଷ୍ଠିତ ହେଉଥିବା ବେଳେ ଚଳିତବର୍ଷ ମେଳା ହେବା ନେଇ ରାଜ୍ୟ ଓ ରାଜ୍ୟ ବାହାରର ଶୈବଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ସୂଚନା ଯେ, ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରେ



ଚନ୍ଦନେଶ୍ୱର ମହାଦେବଙ୍କ ପୀଠରେ ଭକ୍ତଙ୍କ ଗହଳି ଲାଗିଛି।

**ଘୋଷଣାକୁ ନେଇ ବଢ଼ୁଛି ଉତ୍କଣ୍ଠା**

ଚନ୍ଦନେଶ୍ୱର ଜୀଉଙ୍କ ଚୈତ୍ର ଚଡ଼କ ମେଳା ଓଡ଼ିଶାରେ ଦ୍ୱିତୀୟ ବୃହତ୍ତମ ମେଳା ଭାବେ ଖ୍ୟାତି ଅର୍ଜନ କରିଛି। ଏହି ମେଳା ୧୪ଦିନ ଧରି ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଚଡ଼କମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ଦୋକାନୀମାନେ ନିଜର ପସରା ମେଲାଇ ରୋଜଗାରର ବାଟ ଆପଣାଉ ଥିବାବେଳେ ମେଳା ବନ୍ଦ ହେଲେ ଦୋକାନୀଙ୍କ ସହିତ ସେବାୟତ, ପୂଜାରୀମାନେ ଅଧିକ ପ୍ରଭାବିତ ହେବେ ବୋଲି କୁହାଯାଉଛି। କେତେକ ମେଳା ହେବାକୁ ନେଇ ଯୁକ୍ତି ବାଢ଼ିଥିବା ବେଳେ ଅନ୍ୟ କେତେଜଣ ଗ୍ରାମବାସୀ ଓ ସେବାୟତ ମେଳା ବନ୍ଦ ରହୁ ବୋଲି ପ୍ରଶାସନ ପାଖରେ ଦାବି କରିଥିବା ସୂଚନା ମିଳିଛି।

